# ଆସାମରୁ ଗୁଜରାଟ ଓ କର୍ଣ୍ଣାଟକରୁ ହରିଆନା: ଆଗାମୀ ପାର୍ବଣ ଋତୁ ପାଇଁ ନିଜର ଯୋଗାଣ ଶୃଙ୍ଖଳାକୁ ମଜଭୁତ କରିଛି ଫ୍ଲିପ୍‌କାର୍ଟ

*. ଦେଶରେ ୬୬ଟି ନୂତନ ଫୁଲ୍‌ଫିଲ୍‌ମେଂଟ୍ ଓ ସର୍ଟେଶନ ସେଂଟରକୁ ସାମିଲ କରିଛି, ଯାହା ୧୦ ମିଲିୟନ ବର୍ଗଫୁଟ୍ ଅଂଚଳ ଓ ପ୍ରାୟ ୨୦ ମିଲିୟନ କ୍ୟୁବିକ୍ ଫୁଟ୍‌ର ସଂରକ୍ଷଣ ସ୍ଥାନକୁ କଭର୍ କରୁଛି ।*

*. ଦେଶର କୋଣ ଅନୁକୋଣରେ ପହଂଚୁଥିବା ୧୦୦୦ରୁ ଅଧିକ ଡେଲିଭରି ହବ୍‌କୁ ସାମିଲ କରିବା ଓ କିରାନାଗୁଡିକ ସହିତ ସହଭାଗିତାକୁ ବିସ୍ତାର କରିବା; ଶେଷ-ଦୂରତା ଡେଲିଭରିକୁ ସୁଦୃଢ଼ କରିଛି ।*

*. ଏକ ୧୫%ର ବିବିଧ ନିଯୁକ୍ତି ସହିତ ଏହାର ଯୋଗାଣ ଶୃଙ୍ଖଳାରେ ୧,୧୫,୦୦୦ ଅତିରିକ୍ତ ଋତୁକାଳିନ ଚାକିରି ସୃଷ୍ଟି କରିଛି ।*

**ବେଙ୍ଗାଲୁରୁ, ୧୫ ସେପ୍ଟେମ୍ବର ୨୦୨୧:** ଭାରତର ଘରୋଇ ଇ-କମର୍ସ ମାର୍କେଟ୍‌ପ୍ଲେସ୍ ଫ୍ଲିପ୍‌କାର୍ଟ ପକ୍ଷରୁ ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଅନ୍‌ଲାଇନ୍ ଆସୁଥିବା ଲକ୍ଷ ଲକ୍ଷ ଗ୍ରାହକଙ୍କର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ଲକ୍ଷ ଲକ୍ଷ ଏମ୍‌ଏସ୍‌ଏମ୍‌ଇ, ସେଲର୍, କାରିଗର ଓ କିରାନାଙ୍କ ପାଇଁ ବଜାର ପହଂଚକୁ ସମର୍ଥନ କରିବା ଲାଗି ଦେଶବ୍ୟାପୀ ଏହାର ଯୋଗାଣ ଶୃଙ୍ଖଳାକୁ ମଜଭୁତ ଓ ସମ୍ପ୍ରସାରଣ କରାଯାଇଛି । ଏହି ପ୍ରୟାସ ଦିଗରେ, ଫ୍ଲିପ୍‌କାର୍ଟ ଦେଶବ୍ୟାପୀ ଆସାମ, ଛତିଶଗଡ, ଗୁଜରାଟ, ହରିଆନା, କର୍ଣ୍ଣାଟକ, ମହାରାଷ୍ଟ୍ର, ଓଡିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ୬୬ଟି ନୂତନ ବୃହତ ଆକାରର ଫୁଲ୍‌ଫିଲ୍‌ମେଂଟ୍ ଓ ସର୍ଟେଶନ ସେଂଟର୍ ସାମିଲ କରିଛି ।

ଏଥିସହିତ ଫ୍ଲିପ୍‌କାର୍ଟ ଦେଶବ୍ୟାପୀ ୧୦୦୦ରୁ ଅଧିକ ନୂତନ ଡେଲିଭରି ହବ୍ (ଡିଏଚ୍)ଗୁଡିକର ଯୋଗ ସହିତ ଏହାର ଶେଷ-ଦୂରତା ପହଂଚକୁ ସୁଦୃଢ଼ କରିଛି । ବିଗ୍ ବିଲିୟନ ଡେଜ୍‌ର ଜଟିଳତା ଓ ପରିମାପ କ୍ଷମତା, ସଂରକ୍ଷଣ, ସର୍ଟିଙ୍ଗ୍, ପ୍ୟାକେଜିଙ୍ଗ୍, ମାନବ ସମ୍ବଳ, ପ୍ରଶିକ୍ଷଣ ଓ ଡେଲିଭରି ପାଇଁ ନିବେଶ ଆବଶ୍ୟକ କରିଥାଏ ଯାହା ପାର୍ବଣ ଋତୁ ସମୟରେ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଫ୍ଲିପ୍‌କାର୍ଟ ଏହାର 'ଲାଷ୍ଟ-ମାଇଲ୍ ଡେଲିଭରି ପାର୍ଟନର୍‌ସିପ୍' ପ୍ରୋଗ୍ରାମର ଅଂଶ ଭାବେ କିରାନାଗୁଡିକ ସହିତ ସହଭାଗିତାକୁ ମଧ୍ୟ ସଶକ୍ତ କରିଛି ଏବଂ ସେମାନଙ୍କୁ ଟେକ୍ନୋଲୋଜି ସକ୍ଷମ ଡିଜିଟାଲ ଇକୋସିଷ୍ଟମର ଏକ ଅଂଶ ହେବା ପାଇଁ ସକ୍ଷମ କରିଛି । ଚଳିତ ବର୍ଷ ଫ୍ଲିପ୍‌କାର୍ଟ ୧,୧୫,୦୦୦ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଋତୁକାଳିନ ନିଯୁକ୍ତି ସୃଷ୍ଟି କରୁଛି, ଯେଉଁମାନଙ୍କ ମଧ୍ୟରେ ୧୫% ମହିଳା ଓ ଦିବ୍ୟାଙ୍ଗ ସାମିଲ ଅଛନ୍ତି ।

ଦେଶରେ ସମାବେଶୀ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଇକମର୍ସର ଭୂମିକା ଉପରେ ମତ ରଖି, **ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ସିଇଓ କଲ୍ୟାଣ କ୍ରିଷ୍ଣମୂର୍ତି** କହିଛନ୍ତି, " *ଇକମର୍ସ ଏକ ସକ୍ଷମକାରୀ ବଳ ଅଟେ, ଯାହା ସେଲର୍ ଓ ଉପଭୋକ୍ତାମାନଙ୍କ ପାଇଁ ମୂଲ୍ୟ ଓ ପହଂଚ ଆଣୁଛି । ଏହା ଆମର ଯୋଗାଣ ଶୃଙ୍ଖଳା ଭିତିଭୂମି ଓ ଟେକ୍ନୋଲୋଜି ସକ୍ଷମ ଡିଜିଟାଲ ଇକୋସିଷ୍ଟମ ସହିତ ଲକ୍ଷ ଲକ୍ଷ ନୂଆ ଚାକିରି ସୃଷ୍ଟି କରି , ପାରମ୍ପରିକ ୱେୟାରହାଉସିଙ୍ଗ୍ ପାଇଁ ନିର୍ଭରଯୋଗ୍ୟ ଓ ଟେକ୍ନୋଲୋଜି ସକ୍ଷମ ପରିବର୍ତନ ପ୍ରଦାନ କରି ଏବଂ ସ୍ଥାନୀୟ ସେଲର୍, ଏମ୍‌ଏସ୍‌ଏମ୍‌ଇ, କିରାନା, ଚାଷୀ ଓ ଅସଂଗଠିତ ସମୁଦାୟଗୁଡିକୁ ଏକ ରାଷ୍ଟ୍ରୀୟ ବଜାର ସହିତ ସଂଯୋଗ କରିବା ପାଇଁ ସାହାଯ୍ୟ କରି ଅସଂଖ୍ୟ ସମ୍ଭାବନାଗୁଡିକୁ ସକ୍ଷମ କରିବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଫ୍ଲିପ୍‌କାର୍ଟ ଭାରତ ପାଇଁ ସମ୍ଭାବନାଗୁଡିକୁ ସୃଷ୍ଟି କରିବା, ଶିଳ୍ପ ଓ ଅର୍ଥନୀତିକୁ ପରିଚାଳନା କରିବା ଏବଂ ଦେଶର ସୁଦୂର ଅଂଶରେ ଡେଲିଭର କରିବା ପାଇଁ ସେଲର୍, କାରିଗର ଓ ବୁଣାକାରମାନଙ୍କ ସାହାଯ୍ୟ କରିବା କ୍ଷେତ୍ରରେ କେନ୍ଦ୍ରରେ ରହିଛି । ଭିତିଭୂମି ନିର୍ମାଣ, ରୋଜଗାର ସୃଷ୍ଟି ଓ ଉଦ୍ୟୋଗର ଏକ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବାକୁ ଆମେ ପ୍ରତିବଦ୍ଧ ରହିଛୁ ।"*

ଏହି ପାର୍ବଣ ଋତୁ ସମଗ୍ର ଭାରତରେ ଲକ୍ଷ ଲକ୍ଷ ସେଲର୍‌ଙ୍କୁ ସମର୍ଥନ କରିବା ପାଇଁ, ସେମାନଙ୍କୁ ଏକ ଅତୁଳନୀୟ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ଦେଶବ୍ୟାପୀ ସିପ୍‌ମେଂଟ୍‌ଗୁଡିକର ଏକ ବାଧାମୁକ୍ତ ଗତିଶୀଳତା ସୁନିଶ୍ଚିତ କରିବା ଲାଗି ଯୋଗାଣ ଶୃଙ୍ଖଳାକୁ ଉନ୍ନତ କରାଯିବାର ଆବଶ୍ୟକ କରୁଛି । ଯୋଗାଣ ଶୃଙ୍ଖଳାର ବିସ୍ତାରରେ ଫ୍ଲିପ୍‌କାର୍ଟର ପ୍ରୟାସ ଗୋଟିଏ ପଟେ ସେଲର୍‌ମାନଙ୍କୁ ସାହାଯ୍ୟ କରୁଥିବା ବେଳେ ଦେଶବ୍ୟାପୀ ଲକ୍ଷ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି କରୁଛି ।

ଫ୍ଲିପ୍‌କାର୍ଟ ଏହାର ଯୋଗାଣ ଶୃଙ୍ଖଳା ନେଟ୍‌ୱର୍କରେ ନିଜର କର୍ମଚାରୀମାନଙ୍କର ସୁରକ୍ଷା ଓ ସୁସ୍ଥତାକୁ ପ୍ରାଥମିକତା ଦେବା ଜାରି ରଖିଛି ଏବଂ ଏହା  କର୍ମଚାରୀ ଓ ସେମାନଙ୍କ ପରିବାରର ଟିକାକରଣ ସହିତ କୋଭିଡ୍-୧୯ ସମ୍ବନ୍ଧିତ ସତର୍କତାମୂଳକ ପଦକ୍ଷେପଗୁଡିକୁ ଗ୍ରହଣ କରୁଛି ।

୨୦୨୧ ପାଇଁ ପ୍ରମୁଖ ଯୋଗାଣ ଶୃଙ୍ଖଳା ସମ୍ପ୍ରସାରଣ ପ୍ରୟାସଗୁଡିକ ମଧ୍ୟରେ ସାମିଲ ରହିଛି:

- ଗ୍ରାହକମାନଙ୍କୁ ଶୀଘ୍ର ଡେଲିଭରି ପାଇବାରେ ସାହାଯ୍ୟ କରିବା ଲାଗି ବ୍ରାଣ୍ଡ ପାର୍ଟନର୍‌ଗୁଡିକରୁ ୧୦୦ରୁ ଅଧିକ ବ୍ୟବସ୍ଥାକୁ ସାମିଲ କରାଯାଇଛି ।
- ୧ ଲକ୍ଷ କିରାନା ପାର୍ଟନର୍‌ଙ୍କ ସହିତ ଡେଲିଭରି ପାର୍ଟନର୍ ଭାବେ କିରାନାଗୁଡିକର ବିକଳ୍ପ ବିତରଣ ପଦ୍ଧତିକୁ ମଜଭୁତ କରାଯାଇଛି ।
- ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଶୀଘ୍ର ବିତରଣ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ  ଅନେକ ଥାର୍ଡ-ପାର୍ଟି ଲଜିଷ୍ଟିକ୍ସ ପାର୍ଟନର୍‌ଗୁଡିକ ସହ କାର୍ଯ୍ୟ କରୁଛି ।
- ମୋବାଇଲ, ବୃହତ୍ ଆପ୍ଲାଏନ୍ସେସ୍, ଫର୍ଣ୍ଣିଚର ଓ ଆଇଟି ସାମଗ୍ରୀଗୁଡିକ ପାଇଁ ୮୦୦୦ରୁ ଅଧିକ ପ୍ରଶିକ୍ଷିତ ସର୍ଭିସ୍ ଟେକ୍ନିସିଆନ୍‌ଙ୍କ ସହିତ ଜିଭ୍‌ସ ମାଧ୍ୟମରେ ୧୭,୭୦୦ ପିନ୍‌କୋଡ୍‌ରେ ଗ୍ରାହକଙ୍କୁ ସେବା ପ୍ରଦାନ କରାଯାଉଛି ।

ଗତ କିଛି ମାସ ମଧ୍ୟରେ, ଇକମର୍ସ  ବ୍ୟବସାୟଗୁଡିକୁ ପୁନର୍ଜୀବିତ କରିବା , ସେଲର୍‌ମାନଙ୍କୁ ସେମାନଙ୍କର ଆର୍ଥିକ ପୁନରୁଦ୍ଧାରକୁ ମଜଭୁତ କରିବାରେ ସାହାଯ୍ୟ କରିବା, ଗ୍ରାହକଙ୍କୁ ଏକ ସୁରକ୍ଷିତ ଓ ସ୍ୱଚ୍ଛ ଉପାୟରେ ଉତ୍ପାଦ ଡେଲିଭର କରିବା ଓ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଉପରେ ବହୁଗୁଣ ପ୍ରଭାବ ପକାଇବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପାର୍ବଣ ଋତୁ ପାଇଁ ଫ୍ଲିପ୍‌କାର୍ଟର ନିବେଶଗୁଡିକ ସମଗ୍ର ଇକୋସିଷ୍ଟମ ପାଇଁ ଏହି ଲାଭଗୁଡିକୁ ଆହୁରି ବୃଦ୍ଧି କରିବ ।

**<u>About the Flipkart Group</u>**

The Flipkart Group is one of India's leading digital commerce entities and includes group companies Flipkart, Myntra, Flipkart Wholesale, and Cleartrip. The Group is also a majority shareholder in PhonePe, one of the leading Payments Apps in India.

Started in 2007, Flipkart has enabled millions of consumers, sellers, merchants, and small businesses to be a part of India's digital commerce revolution, with a registered customer base of more than 350 million, offering over 150 million products across 80+ categories. Our efforts to democratize commerce in India, drive access and affordability, delight customers, create lakhs of jobs in the ecosystem, and empower generations of entrepreneurs and MSMEs have inspired us to innovate on many industry firsts. Flipkart is known for pioneering services such as Cash on Delivery, No Cost EMI and easy returns – customer-centric innovations have made online shopping more accessible and affordable for millions of Indians. Together with its group companies, Flipkart is committed to transforming commerce in India through technology.

For more information, please contact media@flipkart.com